# ମନୋହର ଲାଲ *ବନାମ* ରାଜ୍ୟ

1951
*ମେ* 23

[ପ୍ରଧାନ ନ୍ୟାୟାଧୀଶ ଶ୍ରୀ ହରିଲାଲ କାନିୟା, ସୟିଦ ଫଜଲ ଅଲ୍ଲୀ,
ମେହର ଚାନ୍ଦ ମହାଜନ, ଚନ୍ଦ୍ରଶେଖର ଆୟାର
ଏବଂ ଭିଭିଆନ୍ ବୋଷ, ନ୍ୟାୟମୂର୍ତ୍ତିବୃନ୍ଦ]

*ପଞ୍ଜାବ ବାଣିଜ୍ୟ କର୍ମଚାରୀ ଅଧିନିୟମ,* 1940, *ଧାରା* 2- *A (i) ଏବଂ (j),* 7 (1), 16, - *କର୍ମଚାରୀଙ୍କ ବିନା ଦୋକାନୀ - ବନ୍ଦ ଦିନରେ ପୁଅ ଦ୍ୱାରା ବିକ୍ରୟ - ଦୋକାନୀଙ୍କ ଦାୟିତ୍ୱ - ଧାରା 2-A (i) ଏବଂ (j) ର ପରିସର*

1943 ରେ ସଂଶୋଧିତ ହୋଇଥିବା, ପଞ୍ଜାବ ବାଣିଜ୍ୟ କର୍ମଚାରୀ ଅଧିନିୟମ, 1940 ର ଧାରା 7 ର ଉପ-ଧାରା (1) ରେ ବ୍ୟବସ୍ଥା ରହିଥିଲା ଯେ "ଏହି ଅଧିନିୟମ ଦ୍ୱାରା ପ୍ରଦାନ କରାଯାଇଥିବା ବ୍ୟତୀତ, ଅନ୍ୟଥା ପ୍ରତ୍ୟେକ ଦୋକାନ ଛୁଟି ଦିନରେ ବନ୍ଦ ରହିବ" । ଉପ-ଧାରା (2) (i) ସୂଚିତ କରେ ଯେ "ବନ୍ଦ ଦିନର ମନୋନୟନ ଦୋକାନର ମାଲିକ କିମ୍ବା ଭଡ଼ାଟିଆ ଦୋକାନୀଙ୍କ ଉପରେ ନିର୍ଭର କରିବ ....... ଏବଂ ନିର୍ଦ୍ଧାରିତ କର୍ତ୍ତୃପକ୍ଷଙ୍କୁ ସୂଚିତ କରାଯିବ ।" ଧାରା 2-Aର ଖଣ୍ଡ (i) ଏବଂ (j) ରେ ବ୍ୟବସ୍ଥା ରହିଛି ଯେ ଏହି ଅଧିନିୟମର କିଛି ବି ପରିଚାଳନା କ୍ଷମତାରେ ନିୟୋଜିତ ବ୍ୟକ୍ତି ଏବଂ ନିଯୁକ୍ତିଦାତାଙ୍କ ପରିବାରର ସଦସ୍ୟଙ୍କ ପାଇଁ ପ୍ରଯୁଜ୍ୟ ହେବ ନାହିଁ । ଆବେଦନକାରୀ ଏକ ଦୋକାନର ମାଲିକ ଥିଲେ, ଏବଂ ବନ୍ଦ ଦିନରେ ଆବେଦନକାରୀଙ୍କ ପୁଅ ଦୋକାନରୁ ଏକ ଜିନିଷ ବିକ୍ରି କରିଥିଲେ, ଏବଂ ଆବେଦନକାରୀଙ୍କୁ ଅଧିନିୟମର ଧାରା 16 ଅନୁଯାୟୀ ଦୋଷୀ ସାବ୍ୟସ୍ତ କରାଯାଇଥିଲା । ତାଙ୍କ ପକ୍ଷରୁ ଯୁକ୍ତି କରାଯାଇଥିଲା ଯେ ଅଧିନିୟମର ଧାରା 7 *କ୍ଷମତାତୀତ* ଥିଲା, କାରଣ ଏହା ଭାରତ ସରକାର ଅଧିନିୟମ, 1935ର ପ୍ରାଦେଶିକ କିମ୍ବା ସମବର୍ତ୍ତୀ ବୈଧାନିକ ତାଲିକାର କୌଣସି ବିଷୟ ଅଧୀନରେ ପକ୍ଷଭୁକ୍ତ ହେଉନଥିଲା, ଏବଂ ଯେହେତୁ ସେ କୌଣସି କର୍ମଚାରୀଙ୍କୁ ନିଯୁକ୍ତି ଦେଇନଥିଲେ ଏବଂ ଦୋକାନର ପରିଚାଳକ ମଧ୍ୟ ଥିଲେ, ତେଣୁ ଅଧିନିୟମର ଧାରା 2-Aର ଖଣ୍ଡ (i) ଏବଂ (j) ର ବ୍ୟବସ୍ଥାକୁ ଦୃଷ୍ଟିରେ ରଖି କୌଣସି ଘଟଣାରେ ତାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇପାରିବ ନାହିଁ ।

ପୂର୍ଣ୍ଣ ଖଣ୍ଡପୀଠ ଦ୍ୱାରା, *ଏହା ନିର୍ଣ୍ଣୟ ହୋଇଥିଲା* - (i) ଯେ ତାଲିକା IIରେ ବିଷୟ ସଂଖ୍ୟା 27 ଅଧୀନରେ ପ୍ରାଦେଶିକ ସରକାର କୌଣସି ଦ୍ରବ୍ୟର ବିକ୍ରୟ ସମୟ, ସ୍ଥାନ, ତାରିଖ ଏବଂ ପଦ୍ଧତିକୁ ନିୟନ୍ତ୍ରଣ କରିପାରିବେ ଏବଂ ଅଧିନିୟମର ଧାରା 7 *କ୍ଷମତାତୀତ* ନଥିଲା; ଏହି ପ୍ରସଙ୍ଗକୁ

ତାଲିକା IIIର ବିଷୟ ସଂଖ୍ୟା 27 "ଶ୍ରମ କଲ୍ୟାଣ; ଶ୍ରମ ସର୍ତ୍ତାବଳୀ" ଅଧୀନରେ ମଧ୍ୟ ଆଗତ କରାଯାଇପାରିବ ।

(ii) ଧାରା 2-A ର ଖଣ୍ଡ (j) ଆବେଦନକାରୀଙ୍କୁ ସୁରକ୍ଷା ଦେଇନଥିଲା କାରଣ ପୁଅ ଦ୍ଵାରା ବିକ୍ରୟ ପାଇଁ ଦୋଷସିଦ୍ଧି ନଥିଲା ବରଂ ଆବେଦନକାରୀ ବନ୍ଦ ଦିନରେ ଦୋକାନ ଖୋଲା ରଖିଥିବାରୁ ଥିଲା;

(iii) ଯଦିଓ ସେ ନିଜେ ଦୋକାନର ପରିଚାଳକ ଥିଲେ, ଆବେଦନକାରୀ ଧାରା 2-A ର ଖଣ୍ଡ (i) ଅଧୀନରେ ଛାଡ଼ ପାଇବାକୁ ହକଦାର ନଥିଲେ କାରଣ ଅଧିନିୟମର ଉଦ୍ଦେଶ୍ୟ ନିମନ୍ତେ ଜଣେ ମାଲିକ ଭାବରେ ତାଙ୍କର କ୍ଷମତା ଏବଂ ଦାୟିତ୍ୱ ଜଣେ ପରିଚାଳକଙ୍କ ଠାରୁ ଭିନ୍ନ ରହିବା ଆବଶ୍ୟକ ।

ଫୌଜଦାରୀ ଆବେଦନ ଅଧିକାରିତା: ଫୌଜଦାରୀ ଆବେଦନ ସଂଖ୍ୟା 11/1950 ।

ଫୌଜଦାରୀ ସଂଶୋଧନ ସଂଖ୍ୟା 449/1949 ରେ ସିମଲା ଉଚ୍ଚ ନ୍ୟାୟାଳୟର 10 ଏପ୍ରିଲ, 1950 ର ରାୟ ଏବଂ ଆଦେଶ ବିରୁଦ୍ଧରେ ଭାରତୀୟ ସମ୍ବିଧାନର ଧାରା 134 (1) (c) ଅଧୀନରେ ଏହି ଅପିଲ । ରାୟରେ ମାମଲାର ତଥ୍ୟ ଗୁଡ଼ିକ ଜଣାପଡେ ।

ଆବେଦନକାରୀଙ୍କ ପକ୍ଷରୁ *କୁନ୍ଦନ ଲାଲ ଅରୋରା* ।

ଉତ୍ତରଦାତାଙ୍କ ପକ୍ଷରୁ *ଏସ୍. ଏନ୍. ଚୋପ୍ରା* ।

1951 ମେ 23 । ନ୍ୟାୟାଳୟଙ୍କ ରାୟ ପ୍ରଦାନ କରାଯାଇଥିଲା

ନ୍ୟାୟାଧୀଶ ବୋଷ

ନ୍ୟାୟାଧୀଶ ବୋଷଙ୍କ ଦ୍ଵାରା - 1943 ରେ ସଂଶୋଧିତ ହୋଇଥିବା, ପଞ୍ଜାବ ବାଣିଜ୍ୟ କର୍ମଚାରୀ ଅଧିନିୟମ, 1940 ର ଧାରା 16 ଅଧୀନରେ ଦୋଷସିଦ୍ଧି ବିରୁଦ୍ଧରେ ଏହା ଏକ ଫୌଜଦାରୀ ଆବେଦନ, ଯାହାକୁ ଧାରା 7 (1) ସହିତ ପଠନ କରାଯାଇଥିଲା ।

ଆବେଦନକାରୀ ଜଣେ ଦୋକାନୀ ଅଟନ୍ତି ଯାହାଙ୍କର ଫିରୋଜପୁରର କ୍ୟାଣ୍ଟନମେଣ୍ଟ ଅଞ୍ଚଳରେ ଏକ ଦୋକାନ ଅଛି ଏବଂ ସେ ଏହାକୁ ଚଳାଉଛନ୍ତି । ଏହି ଅଧିନିୟମର ଅର୍ଥ ମଧ୍ୟରେ ତାଙ୍କର କୌଣସି "କର୍ମଚାରୀ" ନାହାଁନ୍ତି କିନ୍ତୁ ଦୋକାନ ଚଳାଇବାରେ ତାଙ୍କ ପୁଅ ତାଙ୍କୁ ସାହାଯ୍ୟ

କରନ୍ତି । ଏହି ଦୋକାନକୁ ଦୁଇଟି ଭାଗରେ ବିଭକ୍ତ କରାଯାଇଛି । ଗୋଟିଏରେ, ପୋଷାକ ଏବଂ ସିଲେଇ ସରଞ୍ଜାମ ବିକ୍ରି ହୁଏ; ଅନ୍ୟଟିରେ, ଲିଖନ ସାମଗ୍ରୀ ।

ସଂଶୋଧିତ ଅଧିନିୟମ 7 (1) ଆବଶ୍ୟକ କରେ ଯେ - "ଅନ୍ୟଥା ଏହି ଅଧିନିୟମ ଦ୍ୱାରା ପ୍ରଦାନ କରାଯାଇଥିବା ବ୍ୟତୀତ, ପ୍ରତ୍ୟେକ ଦୋକାନ ....... ବନ୍ଦ ଦିନରେ ବନ୍ଦ ରହିବ ।"

ଉପଧାରା (2) (i) ସୂଚିତ କରେ ଯେ -

"ଦୋକାନର ମାଲିକ କିମ୍ବା ଭଡ଼ାଟିଆ ଦୋକାନୀଙ୍କ ଉପରେ ଛୁଟି ଦିନର ଚୟନ ନିର୍ଭର କରିବ ....... ଏବଂ ନିର୍ଦ୍ଧାରିତ କର୍ତ୍ତୃପକ୍ଷଙ୍କୁ ଏହି ମଧ୍ୟରେ ସୂଚିତ କରାଯିବ ଇତ୍ୟାଦି"

ଆବେଦନକାରୀ ନିମ୍ନଲିଖିତ ମନୋନୟନ କରିଥିଲେ । ସେ ସୋମବାର ଗୁଡ଼ିକରେ ପୋଷାକ ଏବଂ ସିଲେଇ ସରଞ୍ଜାମ ବିଭାଗ ଏବଂ ଶନିବାର ଗୁଡ଼ିକରେ ଲିଖନ ସାମଗ୍ରୀ ବିଭାଗକୁ ବନ୍ଦ କରିବାକୁ ଚୟନ କରିଥିଲେ ଏବଂ ଏଥିପାଇଁ ନିର୍ଦ୍ଧାରିତ କର୍ତ୍ତୃପକ୍ଷଙ୍କୁ ଆବଶ୍ୟକ ସୂଚନା ଦେଇଥିଲେ ।

1948 ମସିହା ମେ 17 ତାରିଖ, ସୋମବାରରେ, ଦୋକାନର ପୋଷାକ ଏବଂ ସିଲେଇ ସରଞ୍ଜାମ ବିଭାଗରୁ ଆବେଦନକାରୀଙ୍କ ପୁଅ ଜଣେ ଗ୍ରାହକଙ୍କୁ ଏକ ଜୋତା ପାଲିଶ୍ ଟିଣ ବିକ୍ରି କରିଥିଲେ । ବିକ୍ରୟ ସମୟରେ ଆବେଦନକାରୀ ବ୍ୟକ୍ତିଗତ ଭାବେ ଉପସ୍ଥିତ ଥିଲେ । ପୋଷାକ ଏବଂ ସିଲେଇ ସରଞ୍ଜାମ ବିଭାଗ ପାଇଁ ସୋମବାର ଏକ ବନ୍ଦ ଦିନ ଥିଲା ଏବଂ ତେଣୁ ଧାରା 16 ଯାହାକୁ ଧାରା 7 ସହିତ ପଠନ କରାଯିବ ତାହା ଅଧୀନରେ ଆବେଦନକାରୀଙ୍କ ବିରୁଦ୍ଧରେ ମକଦ୍ଦମା ଦାଏର କରାଯାଇଥିଲା । ବିଚାର କରୁଥିବା ଦଣ୍ଡାଧିକାରୀ ନିର୍ଣ୍ଣୟ କରିଥିଲେ ଯେ ପୋଷାକ ଏବଂ ସିଲେଇ ସରଞ୍ଜାମକୁ ବନ୍ଦ ଦିନରେ ବିକ୍ରୟ କରି ଏବଂ ସୋମବାରକୁ ବନ୍ଦ ଦିନ ଭାବରେ ନ ମାନି ଆବେଦନକାରୀ ଅଧିନିୟମର ଧାରା 7 (1) ର ବ୍ୟବସ୍ଥାକୁ ଉଲ୍ଲଂଘନ କରିଛନ୍ତି । ତଦନୁସାରେ ସେ ତାଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ ଏବଂ 20 ଟଙ୍କା ଜରିମାନା ଧାର୍ଯ୍ୟ କରିଥିଲେ । ଉଚ୍ଚ ନ୍ୟାୟାଳୟକୁ ଏକ ପୁନରୀକ୍ଷଣ ଆବେଦନ ବିଫଳ ହୋଇଥିଲା । ଉଚ୍ଚ ନ୍ୟାୟାଳୟ ନିର୍ଣ୍ଣୟ କରିଥିଲେ ଯେ ଯେହେତୁ ଆବେଦନକାରୀ ସପ୍ତାହରେ ଗୋଟିଏ ଦିନ ତାଙ୍କ ଦୋକାନ ବନ୍ଦ ରଖିବାରେ ବିଫଳ ହୋଇଥିଲେ, ତେଣୁ ତାଙ୍କ ଦୋଷସିଦ୍ଧି ଯଥାର୍ଥ ଥିଲା । ଭାରତ ସରକାର ଅଧିନିୟମ, 1935 ସମ୍ବନ୍ଧୀୟ ଏକ ଗୁରୁତ୍ୱପୂର୍ଣ୍ଣ ଆଇନଗତ ପ୍ରଶ୍ନ ସହ ସମ୍ପୃକ୍ତି

ଆଧାରରେ, ଏହି ଅଦାଲତରେ ଆବେଦନ କରିବା ନିମନ୍ତେ ଅନୁମତି ପାଇଁ ଏକ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ଏବଂ ଏହିପରି ଭାବରେ ଏହି ପ୍ରସଙ୍ଗ ଆମ ଅକ୍ତିଆରକୁ ଆସିଥିଲା ।

ଆବେଦନକାରୀଙ୍କ ପକ୍ଷରୁ ବିଜ୍ଞ ଅଧିବକ୍ତା ଯୁକ୍ତି ବାଢିଥିଲେ ଯେ ଅଧିନିୟମର ଧାରା 7 *କ୍ଷମତାତୀତ* ଅଟେ କାରଣ ଏହା ଭାରତ ସରକାର ଅଧିନିୟମ, 1935ର ପ୍ରାଦେଶିକ କିମ୍ବା ସମବର୍ତ୍ତୀ ବୈଧାନିକ ତାଲିକାର କୌଣସି ବିଷୟର ଅନ୍ତର୍ଭୁକ୍ତ ନୁହେଁ । ଆମ ମତରେ, ଏହି ପ୍ରସଙ୍ଗ ତାଲିକା IIର ବିଷୟ ସଂଖ୍ୟା 27 କିମ୍ବା ତାଲିକା IIIର ବିଷୟ ସଂଖ୍ୟା 27 ଅଧୀନରେ ଆସିପାରେ ।

ତାଲିକା IIରେ ଥିବା ବିଷୟ ସଂଖ୍ୟା 27ରେ "ପ୍ରଦେଶ ମଧ୍ୟରେ ବ୍ୟବସାୟ ଏବଂ ବାଣିଜ୍ୟ" ଅନ୍ତର୍ଭୁକ୍ତ ଅଟେ । ଆମ ମତରେ, ସେହି ପ୍ରବେଶ ଅଧୀନରେ ଏକ ପ୍ରାଦେଶିକ ସରକାର, କୌଣସି ନିର୍ଦ୍ଦିଷ୍ଟ ଦ୍ରବ୍ୟ କିମ୍ବା ଦ୍ରବ୍ୟର ବିକ୍ରୟ ସମୟ, ସ୍ଥାନ, ତାରିଖ ଏବଂ ପଦ୍ଧତିକୁ ନିୟନ୍ତ୍ରଣ କରିପାରିବେ । ଉଦାହରଣ ସ୍ୱରୂପ, ଏହା ସୂଚିତ କରିପାରେ ଯେ ବିସ୍ଫୋରକ କିମ୍ବା ଅନ୍ୟାନ୍ୟ ବିପଜ୍ଜନକ ପଦାର୍ଥର ବିକ୍ରୟ କେବଳ ନିର୍ଦ୍ଦିଷ୍ଟ ଅଞ୍ଚଳରେ, ନିର୍ଦ୍ଦିଷ୍ଟ ସମୟରେ କିମ୍ବା ନିର୍ଦ୍ଦିଷ୍ଟ ଦିନରେ ହେବା ଉଚିତ୍ ଯେତେବେଳେ ଜନସାଧାରଣ ଏବଂ ସିଧାସଳଖ ସମ୍ପୃକ୍ତ ବ୍ୟକ୍ତିଙ୍କ ସାଧାରଣ ସୁରକ୍ଷା ପାଇଁ ଅତିରିକ୍ତ ସତର୍କ ବ୍ୟବସ୍ଥା କରାଯାଇପାରିବ । ତାହା ସ୍ପଷ୍ଟ ବୋଲି ଜଣାପଡ଼ିବ । ସେହିପରି, ଯଦି ଏହା ସନ୍ତୁଷ୍ଟ ହୁଏ, ତେବେ ଏହା ସୂଚିତ କରିପାରିବ ଯେ କୌଣସି ନିର୍ଦ୍ଦିଷ୍ଟ ଦିନରେ କୌଣସି ବିକ୍ରୟ ହେବ ନାହିଁ, ଉଦାହରଣ ସ୍ୱରୂପ ରବିବାର କିମ୍ବା ଶୁକ୍ରବାର, କିମ୍ବା ଧାର୍ମିକ ପର୍ବପର୍ବାଣୀ ଦିନ ଇତ୍ୟାଦି । ତାହା କରିବା ପରିବର୍ତ୍ତେ, ଏହା ପ୍ରଦେଶର ଆଭ୍ୟନ୍ତରୀଣ ବାଣିଜ୍ୟକୁ ଏହିପରି ଉପାୟରେ ନିୟନ୍ତ୍ରଣ କରିବାକୁ ଚୟନ କରିଛି ଯାହା ହେଉଛି ବିଭିନ୍ନ ଉପାୟ ମଧ୍ୟରୁ କେବଳ ଗୋଟିଏ ଯେଉଁଥିରେ ଏହା କାର୍ଯ୍ୟ କରିପାରିଥାଆନ୍ତା ।

ଏହି ପ୍ରସଙ୍ଗକୁ ତାଲିକା IIIର ବିଷୟ ସଂଖ୍ୟା 27: "ଶ୍ରମ କଲ୍ୟାଣ; ଶ୍ରମ ଅବସ୍ଥା" ଅଧୀନରେ ମଧ୍ୟ ଅଣାଯାଇପାରିବ । ବିବାଦୀୟ ବିଭାଗଟି ଏକ ସାଧାରଣ ବିଭାଗ ଏବଂ ସମସ୍ତ ପ୍ରକାରର ଦୋକାନ ପାଇଁ ପ୍ରଯୁଜ୍ୟ ଅଟେ; ଅର୍ଥାତ୍, ଯେଉଁ ଦୋକାନରେ ଶ୍ରମିକ ନିୟୋଜିତ ଅଛନ୍ତି ତଥା ମାଲିକ ଏବଂ ସେମାନଙ୍କ ପରିବାର ଦ୍ୱାରା ପରିଚାଳିତ ଦୋକାନଗୁଡ଼ିକ ପାଇଁ ମଧ୍ୟ ଏହା ପ୍ରଯୁଜ୍ୟ । ଯେଉଁ ଅଧିନିୟମରେ ଏହି ଧାରା ରହିଛି, ତାହା ଦୋକାନ କିମ୍ବା ବାଣିଜ୍ୟିକ ପ୍ରତିଷ୍ଠାନର ବ୍ୟବସାୟରେ ନିୟୋଜିତ ବ୍ୟକ୍ତିଙ୍କ ନିଯୁକ୍ତି ସମୟକୁ ନିୟନ୍ତ୍ରଣ କରିବା ପାଇଁ ନିର୍ଦ୍ଦେଶିତ । ତେଣୁ, ଯେତେଦୂର ପର୍ଯ୍ୟନ୍ତ ଧାରା 7 ପ୍ରତିଷ୍ଠାନଗୁଡ଼ିକୁ, ଯେଉଁଥିରେ ଶ୍ରମ ନିୟୋଜିତ ଥାଏ, ଅନ୍ତର୍ଭୁକ୍ତ

କରେ, ନିଃସନ୍ଦେହ ଏହା *କ୍ଷମତାଭୁକ୍ତ* ଅଟେ । କିନ୍ତୁ ଏହା ଯୁକ୍ତି କରାଯାଇଥିଲା ଯେ ଏହି ଧାରା କୌଣସି ଦୋକାନରେ ପ୍ରୟୋଗ ହୋଇପାରିବ ନାହିଁ ଯାହା ଜଣେ ମାଲିକ ତାଙ୍କ ପରିବାରର ସହାୟତା ସହିତ କିମ୍ବା ସହାୟତା ବିନା ଚଳାନ୍ତି । ଏଥିପାଇଁ ଧାରା 2-A (i) ଏବଂ (j) ଉପରେ ନିର୍ଭରଶୀଳତା ରଖାଯାଇଥିଲା ଯାହା ନିମ୍ନରେ ଦିଆଗଲା:

"2- A. ଏହି ଅଧିନିୟମର କୌଣସି ବିଷୟ ଲାଗୁ ହେବ ନାହିଁ-

* * * *

(i) ପରିଚାଳନା କ୍ଷମତାରେ ନିୟୋଜିତ ବ୍ୟକ୍ତି ...... ଏବଂ

(j) ନିଯୁକ୍ତିଦାତାଙ୍କ ପରିବାରର ସଦସ୍ୟଙ୍କ କ୍ଷେତ୍ରରେ ।"

ଏହା ଯୁକ୍ତି କରାଯାଇଥିଲା ଯେ ଏହି ବିକ୍ରୟ ପୁଅ ଦ୍ଵାରା ହୋଇଥିଲା । ସେ ଏହି ଅଧିନିୟମ ଦ୍ଵାରା ପ୍ରଭାବିତ ହୋଇନାହାନ୍ତି । ତେଣୁ, ସେ ବିକ୍ରି କରିବା ପାଇଁ ହକଦାର ଥିଲେ ଏବଂ ତାଙ୍କୁ ତାହା କରିବାକୁ ସାମର୍ଥ୍ୟ ଦେବା ପାଇଁ ଯେପର୍ଯ୍ୟନ୍ତ ଦୋକାନ ଖୋଲା ନ ରଖାଯାଇଥିଲା ସେପର୍ଯ୍ୟନ୍ତ ସେ ବିକ୍ରି କରିପାରି ନଥିଲେ । ସେହିପରି ମାଲିକ ଥିବା ଆବେଦନକାରୀଙ୍କ ସମ୍ବନ୍ଧରେ ମଧ୍ୟ ଏହା ଥିଲା, ଯିଏ ସେଠାରେ ପରିଚାଳନା କ୍ଷମତାରେ ଥିଲେ । ଆମ ମତରେ, ଏହା ଭ୍ରମପୂର୍ଣ୍ଣ ଅଟେ କାରଣ ଦୋଷୀ ସାବ୍ୟସ୍ତ ଏଠାରେ ବିକ୍ରୟ ପାଇଁ ନୁହେଁ ବରଂ ବନ୍ଦ ଦିନରେ ଦୋକାନ ଖୋଲା ରଖିବା ପାଇଁ ହୋଇଛି । ଧାରା 2- A (j) ପୁଅକୁ ଦୋକାନ ଖୋଲା ରଖିବାର ଅଧିକାର କିମ୍ବା ସେହି ପ୍ରସଙ୍ଗରେ, ବିକ୍ରୟ କରିବାର ଅଧିକାର ପ୍ରଦାନ କରେ ନାହିଁ । ଏଥିରେ କେବଳ ଏତିକି କୁହାଯାଇଛି ଯେ ସେ, ପରିବାରର ଜଣେ ସଦସ୍ୟ ହୋଇଥିବାରୁ, ଏହି ଅଧିନିୟମର ବ୍ୟବସ୍ଥା ଦ୍ଵାରା ପ୍ରଭାବିତ ହେବେ ନାହିଁ । ଅନ୍ୟପକ୍ଷରେ, ଧାରା 7 (1), ଦୋକାନ ମାଲିକଙ୍କ ବିରୋଧରେ ନିର୍ଦ୍ଦେଶିତ ହୋଇଛି, ତାଙ୍କ ପରିବାର ବିରୁଦ୍ଧରେ ନୁହେଁ । ଏହା ସପ୍ତାହରେ ଗୋଟିଏ ଦିନ ଦୋକାନ ବନ୍ଦ ରଖିବାକୁ ମାଲିକଙ୍କୁ ବାଧ୍ୟ କରିଥାଏ ।

ଏହା ପରେ ଯୁକ୍ତି କରାଯାଇଥିଲା ଯେ ଯଦି ପରିଚାଳନା କ୍ଷମତାରେ ନିଯୁକ୍ତ ଜଣେ ବ୍ୟକ୍ତି ଏହି ଅଧିନିୟମ ଦ୍ଵାରା ପ୍ରଭାବିତ ହୋଇପାରିବେ ନାହିଁ, ତେବେ ସେହି କ୍ଷମତାରେ ଥିବା ଆବେଦନକାରୀଙ୍କୁ ଧାରା 7 ଅନୁଯାୟୀ ଦୋକାନ ବନ୍ଦ କରିବାକୁ ବାଧ୍ୟ କରାଯାଇପାରିବ ନାହିଁ । ଏହା ମଧ୍ୟ ଭ୍ରମପୂର୍ଣ୍ଣ ଅଟେ । ବର୍ତ୍ତମାନର ମାମଲାରେ ଏହା ଘଟିଛି ଯେ ମାଲିକ ଏବଂ ପରିଚାଳକ ସମାନ କିନ୍ତୁ ଅଧିନିୟମ ସ୍ପଷ୍ଟ ଭାବରେ ଏକ ଶ୍ରେଣୀର ମାମଲା ପାଇଁ ବ୍ୟବସ୍ଥା କରିଛି ଯେଉଁଥିରେ ସେମାନେ ଭିନ୍ନ ଥାଆନ୍ତି । ମାଲିକ ସପ୍ତାହରେ ଗୋଟିଏ ଦିନ ଦୋକାନ ବନ୍ଦ କରିବାକୁ ବାଧ୍ୟ, ଯଦିଓ

ଦୋକାନର ପରିଚାଳକ ଉଦାହରଣ ସ୍ୱରୂପ, ପ୍ରତି ସପ୍ତାହରେ କ୍ରମାଗତ ଚବିଶ ଘଣ୍ଟା ବିଶ୍ରାମ ନନେଇ କାମ କରିପାରିବେ, ଯାହା ଧାରା 7-A ନିର୍ଦ୍ଦେଶ ଦେଇଥାଏ । ଏହି ଉଦ୍ଦେଶ୍ୟ ନିମନ୍ତେ ପରିଚାଳକ ଭାବରେ ଆବେଦନକାରୀଙ୍କ କ୍ଷମତାକୁ ମାଲିକ ଭାବରେ ତାଙ୍କ ଚରିତ୍ରରୁ ଅଲଗା କରିବାକୁ ପଡିବ । ଧାରା 2- A (i) ଧାରା 7 (1) କୁ ନିୟନ୍ତ୍ରଣ କରେ ନାହିଁ ।

ଶେଷରେ, ଏହା ଯୁକ୍ତି କରାଯାଇଥିଲା ଯେ ଏହି ଅଧିନିୟମର ଯୋଜନା ଏହା ସ୍ପଷ୍ଟ କରେ ଯେ ଏହା ଦୋକାନରେ ନିଯୁକ୍ତ ଶ୍ରମିକଙ୍କ ଅବସ୍ଥାର ଉନ୍ନତିସାଧନ ପାଇଁ ଅଟେ । ତେଣୁ ଯେଉଁ ଦୋକାନଗୁଡ଼ିକରେ କୌଣସି ଶ୍ରମିକ ନିୟୋଜିତ ନାହାଁନ୍ତି, ବିଶେଷ କରି ଯେତେବେଳେ "ନିଯୁକ୍ତିଦାତା"ଙ୍କ ପରିବାରକୁ ଅଧିନିୟମ ପରିସରରୁ ସ୍ପଷ୍ଟ ଭାବେ ବାଦ୍ ଦିଆଯାଇଛି, ସେହି ଦୋକାନଗୁଡ଼ିକରେ ଏହା ଲାଗୁ ହୋଇପାରିବ ନାହିଁ । ଏହି କାରଣରୁ ମଧ୍ୟ, ଏହା ତାଲିକା IIIର ବିଷୟ 27 ଅଧୀନସ୍ଥ ହୋଇପାରିବ ନାହିଁ । ଆମର ମତ ହେଉଛି ଯେ ପ୍ରବେଶ ଉପରେ ଏପରି ଏକ ସଂକୀର୍ଣ୍ଣ ବ୍ୟାଖ୍ୟା ରଖାଯାଇପାରିବ ନାହିଁ । ଯେଉଁମାନେ ଅନ୍ୟଥା ପ୍ରଭାବିତ ହୋଇନଥାନ୍ତେ ସେମାନଙ୍କ ସ୍ୱାଧୀନତା ଉପରେ ଜବରଦଖଲ, ଫାଙ୍କିବା ସମ୍ଭାବନାକୁ ସର୍ବନିମ୍ନକୁ ହ୍ରାସ କରିବା ନିମନ୍ତେ, ଏହା ଆବଶ୍ୟକ ବୋଲି ବିଧାନମଣ୍ଡଳ ଅନୁଭବ କରିଥାଇପାରେ । ତାଙ୍କ ପାଖରେ ଏହା କରିବାର ଶକ୍ତି ଥିଲା ବୋଲି ଆମେ ଭାବୁଛୁ । ଅଧିକନ୍ତୁ, ଜଣେ ଦୋକାନୀ, ଯିଏକି ଜଣେ କିମ୍ବା ଦୁଇ ଜଣଙ୍କୁ ନିଯୁକ୍ତ କରିଥାନ୍ତି, ତାଙ୍କୁ ବନ୍ଦ କରିବା ପାଇଁ ବାଧ୍ୟ କରିବା ଏବଂ ତାଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କୁ, ଯିଏକି ବୋଧହୁଏ ତାଙ୍କ ପରିବାରର ଏକ ଡଜନ ସଦସ୍ୟଙ୍କୁ ନିଯୁକ୍ତ କରିଥାନ୍ତି, ଅନୁମତି ଦେବା, ସ୍ପଷ୍ଟ ଭାବରେ ପ୍ରଥମେ ଉଲ୍ଲିଖିତ ଦୋକାନୀଙ୍କୁ ଏକ ଗୁରୁତର ବାଣିଜ୍ୟିକ ଅସୁବିଧାରେ ପକାଇଥାଏ । ଏପରି ପାର୍ଥକ୍ୟକୁ ଅନୁମତି ଦେବା ହୁଏତ ଅସନ୍ତୋଷ ସୃଷ୍ଟି କରିପାରେ ଏବଂ ଶେଷରେ ନିଯୁକ୍ତିଦାତା ଏବଂ କର୍ମଚାରୀଙ୍କ ମଧ୍ୟରେ ଥିବା ସମ୍ପର୍କ ଉପରେ ପ୍ରତିକ୍ରିୟା ସୃଷ୍ଟି କରିପାରେ । ଏ ସବୁ ହେଉଛି ନୀତିର ପ୍ରସଙ୍ଗ ଯେଉଁଥିରେ ଆମେ ପ୍ରବେଶ କରିପାରିବୁ ନାହିଁ, କିନ୍ତୁ ଏସବୁ ତାଲିକାଭୁକ୍ତ ହୋଇଥିବା ଶବ୍ଦ ଏବଂ ବାକ୍ୟାଂଶଗୁଡ଼ିକର ବ୍ୟାପକ ଏବଂ ଉଦାର ବ୍ୟାଖ୍ୟାକୁ ଏହା ଯଥାର୍ଥ ସାବ୍ୟସ୍ତ କରିଥାଏ ।

ଆବେଦନଟି ବିଫଳ ହେଲା ଏବଂ ଖାରଜ କରାଗଲା ।

*ଆବେଦନ ଖାରଜ ହେଲା* ।

ଆବେଦନକାରୀଙ୍କ ପକ୍ଷରୁ ପ୍ରତିନିଧି: *ବିଦ୍ୟା ସାଗର* ।

ଉତ୍ତରଦାତାଙ୍କ ପକ୍ଷରୁ ପ୍ରତିନିଧି: *ପି. ଏ. ମେହେଟ୍ଟା* ।

**<u>ଅସ୍ୱୀକରଣ</u>**

"ଉପଭାଷା ରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***

ସୁଶ୍ରୀ ସଙ୍ଗୀତା ଲେଙ୍କା,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ